# ତହସିଲଦାରଙ୍କ କାର୍ଯ୍ୟାଳୟ, ପଦ୍ମପୁର, ଜିଲ୍ଲା- ରାୟଗଡା

## ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା- ୧୪୬୮ ତାରିଖ- ୦୨/୦୮/୧୯

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଦ୍ମପୁର ତହସିଲ ଅଧୀନସ୍ଥ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ବାନ କରାଯାଉଅଛି ଇଚ୍ଛୁକ ବ୍ୟକ୍ତିବିଶେଷ ଓଡିଶା OMMC (Amendment)Rules- 2016 ଦ୍ବାରା ପ୍ରଣୀତ From-J. ପୂରଣ କରି ୩ଟି କପି ସହ ନିମ୍ନ ଲିଖିତଦସ୍ତାବିଜ ସଂଲଗ୍ନ ପୂର୍ବକ ଜଉମୁଦ ଲଫାପାରେ ତହସିଲଦାର ପଦ୍ମପୁର, ଗ୍ରା/ପୋ- ପଦ୍ମପୁର, ଜିଲ୍ଲା- ରାୟଗଡା, ପି- ୭୬୫୦୨୫ ଠିକଣାରେ ରେଜେଷ୍ଟ୍ରି କିମ୍ବା କ୍ଷିପ୍ର ପୋଷ୍ଟ ମାଧ୍ୟମରେ ତା ୧୮.୦୮.୨୦୧୯ ରିଖ ସଂଧ୍ୟା ୦୫ ଘଟିକା ସୁଦ୍ଧା ଆବେଦନ କରିପାରିବେ (ଲଫାପା ଉପରେ ସୈରତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) ଦରଖାସ୍ତ ଆହ୍ବାନର ଶେଷ ତାରିଖ ପରଦିନ ଅର୍ଥାତ ତା ୧୬.୦୮.୨୦୧୯ ରିଖ ଦିବା ୧୧ ଘଟିକା ସମୟରେ ଦରଖାସ୍ତକାରି ନିଜେ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକୁ ପଦ୍ମପୁର ତହସିଲଦାର କାର୍ଯ୍ୟାଳୟରେ ଯାଞ୍ଚ କରାଯିବ ଅସମ୍ପୂର୍ଣ୍ଣ ଦରଖାସ୍ତ, ସାଧାରଣ ଡାକ, ହାତ ପୈଠ ବା ବିଳମ୍ବରେ ଆଗତ ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହି କିମ୍ବା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହି କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ, ପରିବର୍ତ୍ତନ ବା ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. ଦରଖାସ୍ତ ପାଉଣା ବାବଦ ଟ 1000ଙ୍କା (ଏକ ହଜାର ଟଙ୍କା) (ଅଣଫେରସ୍ତ)ର ଟ୍ରେଜେରି ଚାଲାଣ (Head of Account -0853- Non-Ferroys Metallurgical and Minerals Industries -102- Mineral concession Rent and Royalty)
2. ପ୍ରସ୍ତାବିତ ସୈରାତଉତ୍ସ ର ତଫସିଲ ସହ ଚୌହାଦୀର ସଂପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତଉତ୍ସକୁ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦ୍ବାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ
3. ସୈରାତଉତ୍ସବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମନ୍ଧିୟ ସତ୍ୟପାଠ



Scanned by CamScanner

4. ରାଜସ୍ବ ଅଧିକାରୀଙ୍କଠାରୁ ପ୍ରାପ୍ତ ଋଣ ପରିଶୋଧ ପ୍ରମାଣ ପତ୍ର (Solvency Certificate) ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର

5. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ସମସ୍ତ ଦସ୍ତାବିଜ ଗୁଡିକରେ ନିଲାମଧାରୀଙ୍କ ହସ୍ତାକ୍ଷର ବା ଟିପଚିହ୍ନ ସହ ରେ ଉପରୋକ୍ତ ନମ୍ବର ପ୍ରକାରେ କ୍ରମାନ୍ବୟରେ ସଂଲଗ୍ନ କରାଯିବା ଜରୁରୀ

ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ 2016 OMMC (Amendment) Reles- 2016 ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବ

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରାଜଭାଗ (Royalty)ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ନିଲାମଧାରୀ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି 1ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜ୍‌ଧାରୀ ଚୟନ କରାଯିବ

୩. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ବାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର 7 ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ତହସିଲଦାର ପଦ୍ମପୁରଙ୍କ ନିକଟରେ ଦାଖଲ କରିବେ

୪. ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ ଖଣି ରେଖାଙ୍କ (Mining Plan) ( in ZB Form) ଓ ପରିବେଶ ମଞ୍ଜୁରି (Environment Clearance) ସଂମନ୍ଧିୟ କାଗଜପତ୍ର ଦାଖଲ ନକରନ୍ତି ତେବେ ଉକ୍ତ ଅର୍ଥ ବାଜ୍ୟାପ୍ତି କରାଯିବ

୫. ଖଣିରେଖାଙ୍କରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ବାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ ପରିବେଶ ମଞ୍ଜୁରି (Environment Clearance) ଆଣିସାରିଲା ପରେ ପୈଠ କରିବେ ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ୨୦୪ ଓ ୪୨୨ ଅନୁଯାୟି ଚୁକ୍ତିପତ୍ର ସଂପାଦନ କରିବେ

୬. ଯଦି ସର୍ବୋଚ୍ଚ ରାଜଭାଗ ମୁଲ୍ୟାଙ୍କ କରିଥିବା ଆବେଦନକାରି ସମୟସିମା ମଧ୍ୟରେ ଅମାନତ ରାଶି ଦାଖଲ କରିବାର ଖିଲାଫ କରନ୍ତି ତାହାହେଲା ଦ୍ବୀତିୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରି ମାନଙ୍କୁ କ୍ରମାନ୍ବୟରେ ସୁଯୋଗ ଦିଆଯିବ

୭. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରାଜଭାଗ ମୁଲ୍ୟଠାରୁ କମ୍ ମୁଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହି

୮. ନିଲାମଧାରୀମାନେ OMMC (Amendment) Rules- 2016 ର 27A, 27B, 27C, 27D ଏବଂ 27E ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧହେବେ



Scanned by CamScanner

୯. ଲିଜ୍ ଧାରୀ ଜମାର ରାଜଭାଗର ୨% ଅର୍ଥ ଆୟକର ବାବଦକୁ ଏବଂ 5 %ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ

୧୦. ଦରଖାସ୍ତକାରୀ Mines Act ଏବଂ Explosive Act ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ

୧୧. ପରିଚାଳିତ ନିୟମ ଅନୁଯାୟୀ ଲିଜ୍ ଅବଧି ମଧ୍ୟରେ ଅର୍ଥାତ ତା **31.08.2019** ରିଖ ଠାରୁ ଲଘୁ ଖଣିଜ

ଦ୍ରବ୍ୟର ରାଜଭାଗମୁଲ୍ୟରେ ଶତକଡା 40% ଭାଗ ବୃଦ୍ଧି କରାଯିବ ଏଣୁ ସଂପୃକ୍ତ ଲିଜ୍ ଧାରୀ ମୂଲ୍ୟାଙ୍କନ କରିଥିବା ରାଜଭାଗରେ ମଧ୍ୟ ସମପରିମାଣରେ ବୃଦ୍ଧି କରାଯିବ

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ସେହିଉତ୍ସ ଗୁଡିକ ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ ସୈରାତ ଉତ୍ସ ସୈରାତ ଉତ୍ସ ଓ ନିଲାମ ସମନ୍ଧିୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟଦିବସରେ (ଛୁଟି ଦିନ ବ୍ୟତିତ) ମିଳିପାରିବ ଏବଂ ଏହି ସମନ୍ଧିୟ ସମ୍ପୁର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି ଯଦି ଉକ୍ତ ଇସ୍ତହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି ସୈରାତ ଉତ୍ସ ଗୁଡିକର ସମ୍ପୁର୍ଣ୍ଣ ବିବରଣୀ ଏଥିସହିତ ସଂଲଗ୍ନ କରାଯାଇଅଛି

ନିଲାମ ସ୍ଥାନ- **ତହସିଲ କାର୍ଯ୍ୟାଳୟ, ପଦ୍ମପୁର**

| | | |
|---|---|---|
| ଧାର୍ଯ୍ୟ ତାରିଖ ଓ ସମୟ | ପ୍ରଥମ ପର୍ଯ୍ୟାୟ | ୧୬.୦୮.୨୦୧୯ ଦିବା 11.00 ଘଟିକା |
| | ଦ୍ବିତୀୟ ପର୍ଯ୍ୟାୟ | ୨୧.୦୮.୨୦୧୯ ଦିବା 11.00 ଘଟିକା |
| | ତୃତୀୟ ପର୍ଯ୍ୟାୟ | ୨୬.୦୮.୨୦୧୯ ଦିବା 11.00 ଘଟିକା |



Scanned by CamScanner

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁଖଣିଜ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା ଏକର ରେ | ସର୍ବନିମ୍ନ ମୂଲ୍ୟ ପ୍ରତି ଘ.ମି. ଟଙ୍କା | ମନ୍ତବ୍ୟ |
|---|---|---|---|---|---|---|---|---|
| 1 | 05/17-18 | କୋଇଲିକଟା ପଥରବଣି | କୋଇଲିକଟା | 53 | 47/1 | 12.00 | 130.00 | |

ତହସିଲଦାର, ପଦ୍ମପୁର

ଜ୍ଞାପକ ସଂଖ୍ୟା ୧୪୬୦ ତାରିଖ ୦୨/୦୮/୧୮

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡା, ଉପ-ଜିଲ୍ଲାପାଳ, ଗୁଣପୁର ମହୋଦୟଙ୍କ ଗୋଚରାର୍ଥେ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା

ଏହାର ଏକକିତା ନକଲ DIO-NIC ରାୟଗଡ଼ାଙ୍କୁ ଦିଆଗଲା ତାଙ୍କୁ ଜିଲ୍ଲା ୱେବସାଇଟରେ ଏହି ବିଜ୍ଞାପନ ପ୍ରସାରଣ କରିବା ପାଇଁ ଅନୁରୋଧ କରାଗଲା

ତହସିଲଦାର, ପଦ୍ମପୁର

ଜ୍ଞାପକ ସଂଖ୍ୟା ୧୪୬୧ ତାରିଖ ୦୨/୦୮/୧୮

ଏହାର ସଂକ୍ଷିପ୍ତରୂପ ସଂପାଦକ, ଦୈନିକ ଧରିତ୍ରୀ ଏବଂ ସମ୍ବାଦ ଜୟପୁରଙ୍କୁ ଗୋଟିଏ ଦିନର ସଂସ୍କରଣରେ ପ୍ରକାଶ କରିବାନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ପଦ୍ମପୁର



Scanned by CamScanner